रजिस्ट्री सं डी-221

REGISTERED No. D-221
ରେଜିଷ୍ଟ ସଂ. ଡି-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
**EXTRAORDINARY**
ଅସାଧାରଣ

भाग XIII—अनुभाग I
**Part XIII—Section I**
ଭାଗ XIII— ଖଣ୍ଡ I

प्राधिकार से प्रकाशित
**PUBLISHED BY AUTHORITY**
ପ୍ରାଧିକାର ଦ୍ୱାରା ପ୍ରକାଶିତ

| | | | | | | |
|---|---|---|---|---|---|---|
| No 1, | NEW DELHI, | TUESDAY, | MAY 8, | 1990/BAISAKH 18, | 1912 | (SAKA) VOL I |
| ସଂ. 1, | ନୂଆଦିଲ୍ଲୀ, | ମଙ୍ଗଳବାର, | ମଇ 8, | 1990/ବୈଶାଖ 18, | 1912 | (ଶକ) ଗ୍ରନ୍ଥଖଣ୍ଡ 1 |

977/91
14/5/91

## MINISTRY OF LAW AND JUSTICE

**(Legislative Department)**

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ୍ରେସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ଵାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ୍ରେସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛି ମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଵାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ହିନ୍ଦୁ ବିବାହ (କାର୍ଯ୍ୟବିଧିର ବିଧିମାନ୍ୟକରଣ) ଅଧିନିୟମ, 1960

## (1960ର ଅଧିନିୟମ ସଂ 19)

ହିନ୍ଦୁ ବିବାହ ଅଧିନିୟମ, 1955 ଅନୁଯାୟୀ ଅନୁଷ୍ଠିତ କେତେକ କାର୍ଯ୍ୟବିଧିକୁ ବିଧିମାନ୍ୟ କରିବା ନିମିତ୍ତ ଏକ ଅଧିନିୟମ

[6 ମଇ, 1960]

ଭାରତ ଗଣରାଜ୍ୟର ଏକାଦଶ ବର୍ଷରେ ସଂସଦ ଦ୍ୱାରା ଏହା ନିମ୍ନମତେ ଅଧିନିୟମିତ ହେଲା—

ସଂକ୍ଷିପ୍ତ ନାମ ଓ ବିସ୍ତାର।

1. (1) ଏହି ଅଧିନିୟମ ହିନ୍ଦୁ ବିବାହ (କାର୍ଯ୍ୟବିଧିର ବିଧିମାନ୍ୟକରଣ) ଅଧିନିୟମ, 1960 ନାମରେ ଅଭିହିତ ହେବ।

(2) ଏହା ଜମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ସାରା ଭାରତରେ ବିସ୍ତୃତ।

1955ର ଅଧିନିୟମ 25 ଅନୁଯାୟୀ କେତେକ ନ୍ୟାୟାଳୟର କାର୍ଯ୍ୟବିଧିର ବିଧିମାନ୍ୟକରଣ।

2. (1) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ହିନ୍ଦୁ ବିବାହ ଅଧିନିୟମ, 1955 ଅନୁଯାୟୀ 1955ର 25 ଅଧିକାରିତା ପ୍ରୟୋଗ କରି ବା ଅଧିକାରିତା ପ୍ରୟୋଗ କରିବା ଅଭିପ୍ରାୟ ରଖି, ଉପଧାରା (2)ରେ ଉଲ୍ଲିଖିତ ଯେ କୌଣସି ନ୍ୟାୟାଳୟ ଦ୍ୱାରା କରାଯାଇଥିବା ସମସ୍ତ କାର୍ଯ୍ୟବିଧି ଏବଂ ଦିଆଯାଇଥିବା ସମସ୍ତ ଡିକ୍ରି ଓ ଆଦେଶ, କୌଣସି ନ୍ୟାୟାଳୟର କୌଣସି ରାୟ, ଡିକ୍ରି ବା ଆଦେଶ ସତ୍ତ୍ୱେ, ନିର୍ଦ୍ଦୋଷ ଓ ବିଧିମାନ୍ୟ ବୋଲି ବିବେଚିତ ହେବ, ସତେ ଯେପରିକି ଉକ୍ତ ଅଧିକାରିତା ପ୍ରୟୋଗ କରିଥିବା ବା ପ୍ରୟୋଗ କରିବାକୁ ଅଭିପ୍ରାୟ ରଖିଥିବା ନ୍ୟାୟାଳୟ ଉକ୍ତ ଅଧିନିୟମର ଅର୍ଥାନ୍ତର୍ଗତ ଏକ ଜିଲ୍ଲା ନ୍ୟାୟାଳୟ ଥିଲା।

(2) ଉପଧାରା (1)ରେ ଉଲ୍ଲିଖିତ ନ୍ୟାୟାଳୟଗୁଡ଼ିକ ନିମ୍ନମତେ ଅଟେ—

ଜଣେ ଅତିରିକ୍ତ ନ୍ୟାୟାଧୀଶ, ଅତିରିକ୍ତ ଜିଲ୍ଲା ନ୍ୟାୟାଧୀଶ, ସଂଯୁକ୍ତ ଜିଲ୍ଲା ନ୍ୟାୟାଧୀଶ, ସହାୟକ ଜିଲ୍ଲା ନ୍ୟାୟାଧୀଶ, ସହାୟକ ନ୍ୟାୟାଧୀଶଙ୍କ ନ୍ୟାୟାଳୟ ଏବଂ ଅଧସ୍ତନ ନ୍ୟାୟାଧୀଶଙ୍କ ନ୍ୟାୟାଳୟର ପାହ୍ୟାରୁ କମ୍ ପାହ୍ୟାର ହୋଇ ନଥିବା, ଯେକୌଣସି ନାମରେ ଅଭିହିତ ଅନ୍ୟ କୌଣସି ନ୍ୟାୟାଳୟ।